# Read report on Lac Insect Life Cycle

## ଲାଖ କୀଟର ଜୀବନ ଚକ୍ର (Lac insect life cycle -*Kerria lacca*)

ଲାଖ ଗୋଟିଏ ଛୋଟ କାତି ଛାଡିବା କୀଟ ଯାହା ନିଜର ରସ ଶୋଷୁଥିବା ଶୁଣ୍ଢରେ ଗଛର ଟିସୁରୁ ରସ ଶୋଷି ପିଇଥାଏ, ବଢିଥାଏ ଓ ଓ ଲାଖ ରୁପକ ରେଜିନ ଛାଡିଥାଏ । ତାହାର ନିଜର ଦେହକୁ ଶତ୍ରୁ କବଳରୁ ରକ୍ଷା ପାଇ ତିଆରି କରିଥିବା ଖଳପା ବା ଲାଖ ବା ସେଲ୍ କୁହାଯାଏ । ଅଣ୍ଡିରା ପୋକ ଲାଲ ରଂଗର ଓ ମାପରେ ୧.୨ ରୁ ୧.୫ ମି.ମି. ଲମ୍ବା ହୋଇଥାଏ । ଏହାର ଛୋଟ ଆଖି ଓ ଶୁଣ୍ଢ ଥାଏ । ପରଟି ଦେଖିବାକୁ ସ୍ୱଚ୍ଛ ଦେଖାଯାଏ । ମାଇ କୀଟଟି ପୁରୁଷ ତୁଳନା ରେ ବଡ ଓ ଆକାରରେ ୪-୫ ମି.ମି.. ମୁଣ୍ଡ, ଦେଜହର ମଝି ଭାଗ ଓ ତଳି ପେଟ ମଧ୍ୟରେ ବହୁତ ସମାନତା ଥିବା ଯୋଗୁଁ ଠିକ୍ ଭାବରେ ଜଣା ପଡେ ନାହି । ଏହାର ଶୁଣ୍ଢ ଓ ଗୋଡ ନଥିଲା ଭଳି ଦେଖାଯାଏ ଓ ପର ନଥାଏ । ଲାଖର ୨୦ ପ୍ରକାର ପ୍ରଜାତି ଦେଖାଯାଉଛି ମାତ୍ର ୨ ପ୍ରକାର ଲାଖ ଭାରତରେ ଲାସିଫେର ଲାକା (*Laccifer lacca*) ଓ ଚିନ୍ ଓ ଥାଇଲାଣ୍ଡରେରେ ଏଲ. ଚାଇନାସିସ (*L. Chinensis*) ବ୍ୟବହାର କରଯାଉଛି. ଏହାର ଜୀବନ ଚକ୍ର ୬ ମାସର ହୋଇଥାଏ ଓ ଏହା ଚାରଟି ଭାଗରେ ବିଭକ୍ତ କରାଯାଇଛି :

1) ଅଣ୍ଡା (egg,)
2 ) ଅବିକଶିତ କୀଟ (nymph),
3) ଇନଷ୍ଟାର (instar) ଓ
4) ବୟସ୍କ ( adult)

ଲାଖ କୀଟ ଅଣ୍ଡାରୁ ବାହାରେ କିନ୍ତୁ ଦେହ ଭିତରେ (ovoviviparous mode) ବଂଶ ବିସ୍ତାର କରିଥାଏ । ମାଇ ୨୦୦ ରୁ ୫୦୦ କୀଟ ବାହାରିବା ଅଣ୍ଡା ଦେଇଥାଏ ଅର୍ଥାତ ଏହାର ଭ୍ରୁଣ ଅଣ୍ଡା ଭିତରେ ହିଁ ବିକଶିତ ହୋଇଯାଏ ଓ ଅଣ୍ଡା ଦେବା କିଛି ଘଣ୍ଟା ଭିତରେ ହିଁ ସେଥିରୁ ରକ୍ତ ରଂଗର ଅବିକଶିତ କୀଟ ବା କ୍ରଲେର୍ ବାହାରି ଆସନ୍ତି ଓ ଆକାରରେ .୬ ରୁ * .୨୫ ମି.ମି. ହୋଇଥାଏ ।ଏହା ବାହାରିବାକୁ ସ୍ୱାରମିଂଗ୍ କୁହାଯାଏ ଯାହାକି ୫ ସପ୍ତାହ ପର୍ଯ୍ୟନ୍ତ ଲାଗି ରହିପାରେ । ସେମାନେ ଗଛ ଡାଳରେ ଗଲାବେଳେ ନରମ ଜାଗା ମିଳିଲେ ପାଖାପାଖି (୨୦୦ ରୁ ୩୦୦ କୀଟ ୧ ବର୍ଗ ଇଂଚରେ) ହୋଇ ବସି ପଡନ୍ତି । ଏହି ଅବସ୍ଥାରେ ଉଭୟ୍ ମାଇଁ ଓ ଅଣ୍ଡିରା ଗଛରୁ ନିଜ ଶୁଣ୍ଢ ପୁରାଇ ରସ ପିଇ ବଂଚିଥାନ୍ତି । ବସିବାର ଗୋଟିଏ ଦିନ ପରଠାରୁ ସେମାନେ ମୁହ, ନିଶ୍ୱାସ ପ୍ରଶ୍ୱାସ ଓ ମଳ ଦ୍ୱାର ଛାଡି ଅନ୍ୟସବୁ ଜାଗାରୁ ରେଜିନ ତ୍ୟାଗ କରିବା ଆରମ୍ଭ କରନ୍ତି । ଯାହା ସେମି ସଲିଡ୍ ଅବସ୍ଥାରୁ ପବନ ବାଜିବା ପରେ ଟାଣ ହୋଇ ରକ୍ଷା କବଚ ଭଳି କାର୍ଯ୍ୟ କରିଥାଏ । ଏହି ଅବସ୍ଥାରୁ ଜୀବନକାଳ ଶେଷ ପର୍ଯ୍ୟନ୍ତ କୀଟ ତିନି ଥର କାତି ଛାଡିଥାଏ । ଇନ ଷ୍ଟାର ଅବସ୍ଥାର ସମୟ୍ ସୀମା ବହୁତ ଜିନିଷ ତଥା ( ତାପମାତ୍ରା, ଆଦ୍ରତା ଓ ବସିଥିବା ଗଛ) ଉପପଏର ନିର୍ଭର କରେ ।



LAC NYMPH





ADULT LAC Winged

ପ୍ରଥମ କାତି ଛାଡିଲା ପରେ, ଉଭୟ୍ ମାଇ ଓ ଅଣ୍ଡିରା ସେମାନଂକର ଉପର ଖୋଲପା ଓ ଆଖି ହରାଇବସନ୍ତି । କିନ୍ତୁ ୨ ୟ୍ ଓ ୩ୟ୍ କାତି ଛାଡିବା ନିଜ ଖୋଳପା ଭିତରେ ରହି କରିଥାଏ । ଉଭୟ୍ ଅଣ୍ଡିରା ଓ ମାଇ ଲାର୍ଭା ୮ ସପ୍ତାହ ମଧ୍ୟରେ ସଂଗମ ପାଇ ପ୍ରସ୍ତୁତ ହୋଇଯାଇଥାନ୍ତି । କେବଳ ଅଣ୍ଡିରା ପୋକର ହି ପୁରା ପରିବର୍ତ୍ତନ (complete metamorphosis or transformation) ହୋଇ ଅନ୍ୟ




**Lac Insect**




Revision #1
Created 29 January 2024 20:39:24 by Pooja Thyagi
Updated 29 January 2024 20:40:11 by Pooja Thyagi